# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23rd June – 2026**

**************************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

— ଓଡ଼ିଶାରୁ ସୀମାଞ୍ଚଳ ପାତ୍ର, ଶରତ ପାତ୍ର ଓ ଚରଣ ହେମ୍ବ୍ରମ୍ ହେଲେ ସମ୍ମାନିତ ।

- ଆସନ୍ତା ୯ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି ।

- ଖରିଫ୍ ଋତୁ ଓ ଏଲ୍‌ନିନୋର ମୁକାବିଲା ନେଇ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ।

ଏବଂ

- ରାଜ୍ୟର ସମସ୍ତ ଜିଲ୍ଲାକୁ ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

— ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବର୍ଷା ହେବା ନେଇ ସତର୍କ ସୂଚନା ଜାରି ।

***Desk***

# ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ପର୍ଯ୍ୟାୟରେ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ ଓ ୫୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏଥିରେ ଓଡ଼ିଶାର ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ର ଏବଂ ଚରଣ ହେମ୍ବ୍ରମ୍ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି । ପୂର୍ବରୁ ରାଷ୍ଟ୍ରପତି ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶାର ଡକ୍ଟର ମହେନ୍ଦ୍ର ମିଶ୍ର ସମ୍ମାନିତ ହୋଇଥିଲେ।

***IPR***

# ଉପରାଷ୍ଟ୍ରପତି

ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥିତ କୃଷିଶିକ୍ଷା ସଦନଠାରେ ଆସନ୍ତା ୯ ତାରିଖରେ ଦୂର ତଥା ଗଭୀର ସମୁଦ୍ର ଅଞ୍ଚଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗପାଇଁ ପ୍ରାଧିକୃତ ଅନୁମତି ପତ୍ରର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ଉପରାଷ୍ଟ୍ରପତି ସି.ପି.

ରାଧାକ୍ରିଷ୍ଣନ୍ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମର ସୁପରିଚାଳନାପାଇଁ ଶ୍ରୀମତୀ ଗର୍ଗ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରତିନିଧି, ଜାତୀୟ ମତ୍ସ୍ୟସଂସ୍ଥାଗୁଡ଼ିକର ଅଧିକାରୀ ତଥା ଦେଶର ବିଭିନ୍ନ ସ୍ଥାନରୁ ମତ୍ସ୍ୟଚାଷୀ ଅଂଶଗ୍ରହଣ କରିବେ । ଏଥିରେ ଭାରତୀୟ ପତାକାଧାରୀ ମାଛଧରା ଜାହାଜଗୁଡ଼ିକୁ ଜାତୀୟ ଓ ଅନ୍ତର୍ଜାତୀୟ ନିୟମାବଳୀ ଅନୁସାରେ ଦୂର ସମୁଦ୍ରରେ ମତ୍ସ୍ୟସମ୍ପଦର ସ୍ଥାୟୀ ଉପଯୋଗ କରିବାପାଇଁ ଅନୁମତିପତ୍ର ପ୍ରଦାନ କରାଯିବ । ଏହାସହ ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ବିକାଶରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***PIB***

# ଅଠାୱାଲେ - ଓଡ଼ିଶା ଗସ୍ତ

କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଶ୍ରୀ ଅଠାୱାଲେ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିବେ । ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେବେ ।

*Desk*

# ସହାୟତା ରାଶି ବୃଦ୍ଧି

ତାମିଲନାଡୁର ତିରୁଭଲ୍ଲୁର'ଠାରେ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ସହାୟତା ରାଶିକୁ ରାଜ୍ୟ ସରକାର ୪ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଇତିମଧ୍ୟରେ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି।

ସରକାରଙ୍କ ପକ୍ଷରୁ ଏକ ତିନିଜଣିଆ ବରିଷ୍ଠ ଅଧିକାରୀ ଦଳ ଗତକାଲି ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିବା ସହିତ ସେଠାର ପ୍ରଶାସନ ସହ ସମନ୍ୱୟ ରଖି ପ୍ରଭାବିତ ଓଡ଼ିଆ ଶ୍ରମିକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରୁଥିବା ଜଣାପଡ଼ିଛି।

*Puri/R*

# ରଥଯାତ୍ରା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରାର ସୁପରିଚାଳନା ନେଇ ଆଲୋଚନା ହୋଇଛି । ରଥଯାତ୍ରା

ସମୟରେ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୩୦ଟି ଆଶୁଚିକିତ୍ସା କେନ୍ଦ୍ର ସ୍ଥାପନ ସହ ଆମ୍ବୁଲାନ୍ସ ମୁତୟନ କରାଯିବ । ସେହିପରି ଜଳ ବିଶୋଧନାଗାର ଓ ଖାଦ୍ୟ ଅପମିଶ୍ରଣ ରୋକିବାପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନ ଯାଞ୍ଚ୍ କରାଯିବ । ୧୪ଟି ସ୍ଥାନରେ ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ପାଣିପମ୍ପ, ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ୍, ପାର୍କିଂ ସ୍ଥଳ ଓ ଭ୍ରାମ୍ୟମାଣ ଶୌଚାଳୟର ବ୍ୟବସ୍ଥା କରାଯିବ । ବିଦ୍ୟୁତ୍ ବିଭାଗ ପକ୍ଷରୁ ୩ଟି ଗ୍ରୀଡ଼ ଷ୍ଟେସନ୍ ମାଧ୍ୟମରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ରଥଯାତ୍ରାପାଇଁ ୩୭୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ସୁରକ୍ଷା ବ୍ୟବସ୍ଥାପାଇଁ ୨୨୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ କହିଛନ୍ତି ।

***Desk***

# ଓ.ଟି.ଇ.ଟି. ପରୀକ୍ଷା ସୂଚୀ

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା – ଓ.ଟି.ଇ.ଟି. ପରୀକ୍ଷା ଆସନ୍ତା ମାସ ୫ ତାରିଖରେ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଚଳିତ ମାସ ୨୮ ତାରିଖରେ ପୂର୍ବରୁ ଏହି ପରୀକ୍ଷା ହେବା ନେଇ ଦିନଧାର୍ଯ୍ୟ ହୋଇଥିଲା। ପରିବର୍ତ୍ତିତ ସୂଚୀ ଅନୁଯାୟୀ

ଜୁଲାଇ ୫ ତାରିଖ ସକାଳ ୯ଟାରୁ ସାଢ଼େ ୧୧ଟା ମଧ୍ୟରେ ପ୍ରଥମ ପତ୍ର ଏବଂ ଅପରାହ୍ନ ୨ଟାରୁ ସାଢ଼େ ୪ଟା ମଧ୍ୟରେ ଦ୍ୱିତୀୟ ପତ୍ର ପରୀକ୍ଷା ହେବ।

***IPR***

## କୃଷି - ସମୀକ୍ଷା ବୈଠକ

ଚଳିତ ଖରିଫ୍ ଋତୁ ଏବଂ ଏଲ୍‌ନିନୋ ପ୍ରଭାବର ମୁକାବିଲା ପାଇଁ ବିଭିନ୍ନ ରାଜ୍ୟର ରଣନୀତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଆୟୋଜିତ ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଇଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଭାରତୀୟ ପାଣିପାଗ ବିଭାଗ’ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରି ୯୨ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରିଥିବାରୁ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି, କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବାପାଇଁ ୫୭ ଲକ୍ଷ ୮୮ ହଜାର ହେକ୍ଟର ଜମିରେ ଚାଷପାଇଁ ଚୂଡ଼ାନ୍ତ କରାଯାଇଛି । ଏଥିପାଇଁ ରିହାତି ଦରରେ ପ୍ରାମାଣିକ ବିହନ ବଣ୍ଟନ ଏବଂ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪ ହଜାର ୩୫୦ କୁଇଣ୍ଟାଲ୍‌ର ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି । ଏଥିସହିତ ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସ୍ଥାୟୀ ଚାଷପଦ୍ଧତିକୁ

ପ୍ରୋତ୍ସାହିତ କରିବାପାଇଁ ସମସ୍ତ ଜିଲ୍ଲା ଓ ବ୍ଲକ୍‌ରେ 'କ୍ଷେତ୍ ବଞ୍ଚାଓ' ଅଭିଯାନ ଏବଂ ପ୍ରାକୃତିକ ଚାଷ ଉପରେ କର୍ମଶାଳା ଆୟୋଜନ କରାଯାଉଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ଟିମ୍‌ଗୁଡ଼ିକ ରୋଗପୋକ ନିୟନ୍ତ୍ରଣ ଏବଂ ତଦାରଖପାଇଁ ସଜାଗ ରହିଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

***IPR***

# ରେଳ ପ୍ରକଳ୍ପ

ଓଡ଼ିଶା-ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ହରିଦାସପୁର-ନିର୍ଗୁଣ୍ଡି ଜଙ୍କ୍‌ସନ୍ ଏବଂ କଟକ-ବିଜୟନଗର ଜଙ୍କ୍‌ସନ୍ ମଧ୍ୟରେ ପ୍ରାୟ ୪୪୦ କିଲୋମିଟରର ଦୈର୍ଘ୍ୟ ବିଶିଷ୍ଟ ଚତୁର୍ଥ ରେଳପଥ ନିର୍ମାଣ କରାଯିବ । ଆଜି ଭୁବନେଶ୍ୱର ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରକଳ୍ପରେ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥାଇଥାନ ସୁନିଶ୍ଚିତ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାୟ ୭ ହଜାର ୬୮୩ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟକାରୀ ହେବ ।

***Desk, Nuapada, Boudh/R***

# ଶ୍ୟାମାପ୍ରସାଦ ବଳିଦାନ ଦିବସ

ଦେଶରେ ଆଜି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୩ତମ ଶ୍ରାଦ୍ଧବାର୍ଷିକୀରେ ବଳିଦାନ ଦିବସ ପାଳନ କରାଯାଉଛି । ରାଜ୍ୟର ବିଭିନ୍ନ ସ୍ଥାନରେ ବଳିଦାନ ଦିବସ ଅବସରରେ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଭୁବନେଶ୍ୱରସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ବିଶିଷ୍ଟ ଅତିଥିମାନେ ଡକ୍ଟର ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏବଂ ବୌଦ୍ଧଠାରେ ବଳିଦାନ ଦିବସ ପାଳିତ ହୋଇଯାଇଛି ।

***IPR***

# ପେରିଫେଡ୍ - ବାସୁଙ୍ଗା ପାଟ

ଭୁବନେଶ୍ୱରସ୍ଥିତ ଓଡିଶା ସମବାୟ ଟସର ଓ ରେଶମ ମହାସଂଘ - ପେରିଫେଡ୍ କାର୍ଯ୍ୟାଳୟରୁ ଆଜି ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ୩୮୦

କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ଏହି ପାଟ ହସ୍ତାନ୍ତର କରାଯାଇଛି । ୧୯୮୧ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ପେରିଫେଡ୍ ପ୍ରତିବର୍ଷ ବାସୁଙ୍ଗା ପାଟ ଯୋଗାଇ ଆସୁଛି । ଏହି ପାଟ ଶ୍ରୀମନ୍ଦିରରେ ବିଗ୍ରହମାନଙ୍କ ବିଜୟ ଡୋରି, ପଇତା, ରାକ୍ଷୀ ଆଦି ପ୍ରସ୍ତୁତ କରିବାରେ ବ୍ୟବହୃତ ହୋଇଥାଏ । ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟପାଇଁ ପ୍ରସ୍ତୁତ କରାଯାଇଥାଏ ।

***Jajpur/R***

## ମେଡିକାଲ୍ କଲେଜ

ଯାଜପୁରସ୍ଥିତ ମହାରାଜା ଯଯାତିକେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଜିଲ୍ଲାପାଳ’ ଏକାଧିକ ନୂତନ ଚିକିତ୍ସାସେବାର ଉଦ୍‌ଘାଟନ କରିଛନ୍ତି । ଇକୋ, ମାମୋଗ୍ରାଫି, ଶଲ୍ୟଚିକିତ୍ସା ବହିର୍ବିଭାଗ, ଏଣ୍ଡୋସ୍କୋପି ଆଦି ବିଭିନ୍ନ ଅତ୍ୟାଧୁନିକ ସୁବିଧାକୁ କାର୍ଯ୍ୟକ୍ଷମ କରାଯାଇଛି । ଏହି ସମସ୍ତ ସ୍ୱାସ୍ଥ୍ୟ ସୁବିଧା ନିୟମିତ ଖୋଲା ରହିବା ସହ ସୁଚାରୁରୂପେ ପରିଚାଳନା କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Ganjam/R***

# ଅନ୍ନପୂର୍ଣ୍ଣା କାର୍ଡ଼ ବିତରଣ

ବ୍ରହ୍ମପୁର ମହାନଗର ନିଗମରେ ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ନୂତନ ଖାଉଟି କାର୍ଡ଼ ବିତରଣ ଆରମ୍ଭ ହୋଇଛି । ଏହି କାର୍ଡ଼ ମାଧ୍ୟମରେ ହିତାଧିକାରୀମାନଙ୍କୁ ଅତିରିକ୍ତ ୫ କିଲୋଗ୍ରାମ୍ ଚାଉଳ ଯୋଗାଇ ଦିଆଯିବ । ୭୭ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୪୬ ହଜାର ୯୮୦ ଜଣ ହିତାଧିକାରୀ ଏହି ଯୋଜନା ମାଧ୍ୟମରେ ଉପକୃତ ହେବେ ।

***Rayagada/R***

# ଜନକଲ୍ୟାଣ ମେଳା

ରାୟଗଡ଼ା ପୌର ପରିଷଦ ପକ୍ଷରୁ ଜିଲ୍ଲାସ୍ତରୀୟ ଜନକଲ୍ୟାଣ ମେଳା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୨୩ ଜଣ ନୂତନ ଉଠାଦୋକାନୀଙ୍କୁ ଚିହ୍ନଟ କରାଯାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି ।

*Kalahandi/R*

## ନିଶାମୁକ୍ତ ଭାରତ ଶୋଭାଯାତ୍ରା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ନିଶାମୁକ୍ତ ଭାରତ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଏଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସହର ପରିକ୍ରମା କରିଥିଲେ ।

*Nayagarh/R*

## ଏସ୍.ଆଇ.ଆର୍.

ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପଦଯାତ୍ରା ସହର ପରିକ୍ରମା କରି ଭୋଟର୍ ତାଲିକା ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି ।

*Malkangiri/R*

## କ୍ରୀଡ଼ା ପ୍ରକଳ୍ପ

ମାଲକାନଗିରି ଜିଲ୍ଲାପାଳ’ ସ୍ଥାନୀୟ ଯୁବପିଢ଼ି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କପାଇଁ ନିର୍ମାଣାଧୀନ କ୍ରୀଡ଼ା ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ

କରିଛନ୍ତି । ପ୍ରକଳ୍ପର ସମସ୍ତ କାର୍ଯ୍ୟରେ ଗୁଣବତ୍ତା ବଜାୟ ରଖି ନିର୍ଦ୍ଧାରିତ ସମୟରେ ଶେଷ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର ସମସ୍ତ ଅଞ୍ଚଳକୁ ଅଗ୍ରସର ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ପ୍ରଭାବରେ ଉପକୂଳ ସମେତ ଦକ୍ଷିଣ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ମୌସୁମୀର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ରାଜ୍ୟରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଏ ସମ୍ପର୍କରେ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ସଞ୍ଜୀବ ଦ୍ୱିବେଦୀ କହିଛନ୍ତି :

***Voice*** :......

******